ଓଡ଼ିଶା ସାହିତ୍ୟ ଏକାଡେମୀ
# ସମାଚାର
ODISHA SAHITYA AKADEMI SAMACHAR

43rd Issue : October-December 2015

ସଂଖ୍ୟା ୪୩: ଅକ୍ଟୋବର-ଡିସେମ୍ବର ୨୦୧୫

## ଓଡ଼ିଶା ସାହିତ୍ୟ ଏକାଡେମୀର ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ସହିତ ପୁରସ୍କାର ପ୍ରଦାନ ଉତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ସହିତ ଓଡ଼ିଆ ସାହିତ୍ୟର ଅନ୍ୟ ନଅଗୋଟି ବିଭାଗରେ ପୁରସ୍କାର ପ୍ରଦାନ ଉତ୍ସବ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ତା ୨୦.୧୧.୧୫ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ ସମାଜରେ ଘଟୁଥିବା ବିଭିନ୍ନ ଘଟଣାଗୁଡ଼ିକ ସାହିତ୍ୟିକର ଲେଖନୀ ମାଧ୍ୟମରେ ପ୍ରତିଫଳିତ ହୋଇ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। କିନ୍ତୁ ବର୍ତ୍ତମାନ ସମୟରେ ସାହିତ୍ୟ ଅଭିବ୍ୟକ୍ତି ଛଡ଼ା ଆଉ କିଛି ନୁହେଁ।

ଏହି ଉତ୍ସବରେ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଲେ ମୁହଁର କଥା ବାୟୁମଣ୍ଡଳରେ ଉଡ଼ିଯାଇଥାଏ। କିନ୍ତୁ କଲମର କଥା ଚିରଦିନ ପାଇଁ ଲିପିବଦ୍ଧ ହୋଇ ରହିଥାଏ । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜିତ କୁମାର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସାହିତ୍ୟ ଏକାଡେମୀ ପ୍ରକାଶିତ ଓ ଡକ୍ଟର ନୀଳାଦ୍ରିଭୂଷଣ ହରିଚନ୍ଦନ ଓ ଡକ୍ଟର ବିଜୟ କୁମାର ଶତପଥୀଙ୍କ ଦ୍ୱାରା ସଂକଳିତ 'ଓଡ଼ିଆ ଛୋଟ ନାଟକ ଓ ଏକାଙ୍କିକା' ପୁସ୍ତକର ପ୍ରଥମ ଓ ଦ୍ୱିତୀୟ ଭାଗ, ଚିତ୍ତରଞ୍ଜନ ଦାସଙ୍କ ରଚିତ ସନ୍ଥ ଭକ୍ତି ସାହିତ୍ୟର ତୃତୀୟ ସଂସ୍କରଣ ଓ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ରଙ୍କ ଶ୍ରୀଜଗନ୍ନାଥ: ଐତିହ୍ୟ ଶତକ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଉଭୟ ଓଡ଼ିଆ ଓ ଇଂରାଜୀ ସାହିତ୍ୟର ଧୂରୀଣ ସମାଲୋଚକ, ପ୍ରବୀଣ ପ୍ରାବନ୍ଧିକ ପ୍ରଫେସର ଡକ୍ଟର ମଧୁସୂଦନ ପତିଙ୍କୁ ୨୦୧୫ ମସିହାର ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ଏକ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆ ସାହିତ୍ୟର ନଅଗୋଟି ବିଭାଗରେ ୨୦୧୧ ଓ ୨୦୧୨ ବର୍ଷ ପାଇଁ ୧୮ ଜଣ ସାହିତ୍ୟିକଙ୍କୁ ଏ ଅବସରରେ ପୁରସ୍କୃତ କରାଯାଇଥିଲା। ଏହି ସାହିତ୍ୟିକମାନେ ହେଉଛନ୍ତି ଶୂନ୍ୟକାଳ (ଉପନ୍ୟାସ) – ସତ୍ୟପ୍ରିୟ ମହାଳିକ, ରାତିର ଅଜବ ଦୃଶ୍ୟ (କ୍ଷୁଦ୍ରଗଳ୍ପ) – ସାରଦା ପ୍ରସାଦ ମିଶ୍ର, ଅଭାଜନ (କାବ୍ୟ କବିତା) – ପୀତାମ୍ବର ତରାଇ, ଚଇତୁ ଓ ହାଟ (ନାଟକ ଓ ଏକାଙ୍କିକା) – ନିବେଦିତା ଜେନା, ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ୧ମ ଭାଗ (ଇତିହାସ) ୨ୟ ଭାଗ(ସଂସ୍କୃତି) (ପ୍ରବନ୍ଧ ଓ ସମାଲୋଚନା) – ପ୍ରବୋଧ କୁମାର ମିଶ୍ର,ମୋ ଜୀବନ (ଜୀବନୀ ଓ ଭ୍ରମଣ ସାହିତ୍ୟ) – ରମା ଦେବୀ, ତେଜସ୍ୱିନୀ (ଅନୁବାଦ) – ସୀତେଶ ତ୍ରିପାଠୀ, କଥାକଳସ (ଶିଶୁ ସାହିତ୍ୟ) – ରାଜକିଶୋର ପାଢ଼ୀ, ତୁମେ (ଗୀତିକବିତା) – ମନୋଜ ପଟ୍ଟନାୟକ ଓ ୨୦୧୨ ମସିହା ପାଇଁ ଛାୟା ପୁରୁଷ (ଉପନ୍ୟାସ) – ନବକିଶୋର ରାଜ, ଚରିତ୍ର ଚଉପାଶ (କ୍ଷୁଦ୍ରଗଳ୍ପ) – ଅଜୟ ସ୍ୱାଇଁ, ନଷ୍ଟହୋଇଯିବାର ମୋହ (କାବ୍ୟ କବିତା) – ହରପ୍ରସାଦ ପରିଚ୍ଛା ପଟନାୟକ, ଧର୍ମାବତାର ଓ ଅନ୍ୟାନ୍ୟ ନାଟକ (ନାଟକ ଓ ଏକାଙ୍କିକା) – ଚିନ୍ତାମଣି ଜେନା, ଶ୍ରୀଜଗନ୍ନାଥ ମନ୍ଦିରର କଳା ଓ ସ୍ଥାପତ୍ୟ (୧ମ ଓ ୨ୟ), (ପ୍ରବନ୍ଧ ଓ ସମାଲୋଚନା) – କୃଷ୍ଣଚନ୍ଦ୍ର ମିଶ୍ର, ମାନବତାର ମହାନ୍ ତୀର୍ଥ (ଜୀବନୀ ଓ ଭ୍ରମଣ ସାହିତ୍ୟ) – ସୌରୀବନ୍ଧୁ କର, କମଳେଶ୍ୱରଙ୍କ ଶ୍ରେଷ୍ଠ କାହାଣୀ (ଅନୁବାଦ) – ବିଳାସିନୀ ମହାନ୍ତି, ତା ଧେଇକି (ଶିଶୁ ସାହିତ୍ୟ) – ଦେବରାଜ ସାମନ୍ତରାୟ, ଚିତ୍ରମେଘର ଚିଠି (ଗୀତିକବିତା) – ସତ୍ୟ ପଟ୍ଟନାୟକ ଉତ୍ସବରେ ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୁଳ ଜିଲ୍ଲା କିଶୋରନଗରଠାରେ ଆଲୋଚନାଚକ୍ର



ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରାୟୋଜିତ ଏକଦିବସୀୟ ଆଲୋଚନାଚକ୍ର ୧୨ ଡିସେମ୍ବର ୨୦୧୫ ଦିନ ଅନୁଗୁଳ ଜିଲ୍ଲା କିଶୋରନଗରସ୍ଥିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆଠମଲ୍ଲିକ ମାନ୍ୟବର ବିଧାୟକ ଶ୍ରୀ ସଞ୍ଜିବ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ମୀନକେତନ ପୁରୋହିତ ଏଥିରେ ମୁଖ୍ୟଅତିଥି ପ୍ରଶାସକ ଗୀତିକବି ଶ୍ରୀ ଧନଞ୍ଜୟ ସ୍ୱାଇଁ, ଏକାଡେମୀର ଜିଲ୍ଲା ପ୍ରତିନିଧି ଓ କବି ଇନ୍ଦିରା ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗାଳ୍ପିକ ଶ୍ରୀ ବୀରକିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ। ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ପୂର୍ବାହ୍ଣରେ 'ଓଡ଼ିଆ କାବ୍ୟ-କବିତାରେ ପଲ୍ଲୀଚେତନା' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ହୋଇଥିଲା। ଯହିଁରେ ସମାଲୋଚକ ଡକ୍ଟର ଦଧିବାମନ ପ୍ରଧାନ 'ଗୋଧୂଳି ଲଗ୍ନ' ପତ୍ରିକାର ସମ୍ପାଦକ ଡକ୍ଟର ପ୍ରସନ୍ନ କୁମାର ବରାଳ, ପ୍ରାବନ୍ଧିକ ଦିଲ୍ଲୀପ ସ୍ୱାଇଁ ଓ ଡକ୍ଟର ବଭ୍ରୁବାହନ ମହାପାତ୍ର ଆଲୋଚକ ଭାବରେ ଯୋଗଦାନ କରିଥିଲେ। ଅପରାହ୍ନରେ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବି କୁଳମଣି ମେହେର, ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଓ ଶ୍ରୀ ଲକ୍ଷ୍ମଣ କୁମାର ସାହୁ। ଏଥିରେ ଶ୍ରୀ ରାହାସ ଚନ୍ଦ୍ର ନାୟକ ପୌରୋହିତ୍ୟ କରିଥିଲେ। ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ଓ ସଞ୍ଜୟ କୁମାର ଛୁଆଳସିଂହ ଏହି ଉତ୍ସବରେ ଯୋଗଦାନ କରିଥିଲେ।

# ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶାଳିଆ ସାଂସ୍କୃତିକ ପରିଷଦଙ୍କ ମିଳିତ ସହଯୋଗରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୬.୧୦.୧୫ରିଖ ଅପରାହ୍ଣ ୪ ଘଟିକାରେ ବାଣପୁରସ୍ଥ ଗାୟତ୍ରୀ ମନ୍ଦିର ସଭାଗୃହରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ସଭାରେ ଶାଳିଆ ସାଂସ୍କୃତିକ ପରିଷଦର ସଭାପତି କବି ବାଳମୁକୁନ୍ଦ ଦାସ ପୌରୋହିତ୍ୟ କରିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ଗୌରୀଶଙ୍କର ଷଡ଼ଙ୍ଗୀ ଏଥିରେ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଶ୍ରୀ ନୃସିଂହ ପ୍ରସାଦ ମିଶ୍ର ସମ୍ମାନନୀୟ ଅତିଥି ଓ ଅଧ୍ୟାପକ ପାର୍ଥସାରଥି ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଗୋଦାବରୀଶଙ୍କ ଜୀବନୀ ଓ ସାରସ୍ୱତ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରେମୁଣା ସାହିତ୍ୟ ସଂସଦଙ୍କ ସହଯୋଗରେ ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରେମୁଣାସ୍ଥିତ ଅଠାନ୍ତରଠାରେ ତା ୧୨.୧୨.୧୫ରିଖ ଅପରାହ୍ଣ ୩.୦୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଆୟୋଜିତ ସାହିତ୍ୟ ସଭାରେ ଡକ୍ଟର ଶିରୀଶ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି, ଡକ୍ଟର ଭାଗବତ ପ୍ରସାଦ ଦାସ ସମ୍ମାନନୀୟ ବକ୍ତା ଓ ଡକ୍ଟର ରବୀନ୍ଦ୍ର ବିହାରୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ଡକ୍ଟର ସତ୍ୟରଞ୍ଜନ ଦାସ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ବଳଦେବ ବିଦ୍ୟାଭୂଷଣଙ୍କର ଭାରତୀୟ ଦର୍ଶନ ପ୍ରତିଥିବା ଅବଦାନ ଅବିସ୍ମରଣୀୟ । ବ୍ରହ୍ମ ସୂତ୍ରର ଗୋବିନ୍ଦ ଭାଷ୍ୟ ରଚନା କରି ସେ ଜଣେ ପ୍ରସିଦ୍ଧ ଭାଷ୍ୟକାର ରୂପେ ପ୍ରତିଷ୍ଠା ଅର୍ଜନ କରିଥିଲେ । ସଂସ୍କୃତ ସାହିତ୍ୟର କାବ୍ୟ, ଅଳଙ୍କାର, ବ୍ୟାକରଣ ଆଦି ବିଭାଗରେ ତାଙ୍କର ଗଭୀର ଜ୍ଞାନଥିଲା ବୋଲି ଉପସ୍ଥିତ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ରେମୁଣା ସାହିତ୍ୟ ସଂସଦଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ ଅନନ୍ତ ଟ୍ରଷ୍ଟଙ୍କ ସହଯୋଗରେ ସିଦ୍ଧସାଧକ ଶିଶୁ ଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୪.୧୨.୧୫ ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଭୁବନେଶ୍ୱରସ୍ଥ ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜୟଦେବ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି, ଡକ୍ଟର ପ୍ରତିଭା ମହାରଥୀ ମୁଖ୍ୟବକ୍ତା, ଟ୍ରଷ୍ଟର ସଭାପତି ଶ୍ରୀ କାଳୀପ୍ରସାଦ ସାମନ୍ତରାୟ ଓ ଟ୍ରଷ୍ଟି ଶ୍ରୀମତୀ ତନୟା ଦାସଗୋସ୍ୱାମୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଶିଶୁଅନନ୍ତ ଅଧ୍ୟାତ୍ମ ଚେତନାର ପ୍ରତିମୂର୍ତ୍ତି ଥିଲେ । ଓଡ଼ିଆ ସାହିତ୍ୟ, ଧର୍ମ ସମାଜ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଓ ମୌଳିକତା ରକ୍ଷା ଦିଗରେ ତାଙ୍କର ସାଧୁପ୍ରଚେଷ୍ଟା ବାସ୍ତବିକ ପ୍ରଶଂସନୀୟ । ତାଙ୍କ ରଚିତ ଓଳଟ ବୃକ୍ଷ ଚଉତିଶା ଓଡ଼ିଶାର ପୁରପଲ୍ଲୀରେ ବହୁ ଲୋକପ୍ରିୟ ଅମୂଲ୍ୟ ସମ୍ପଦ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଏକାଡେମୀର ପ୍ରଯୋଜନା ଅଧିକାରୀ ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଶିଶୁ ଅନନ୍ତ ଟ୍ରଷ୍ଟ ପକ୍ଷରୁ ଶ୍ରୀ ରାଜେନ୍ଦ୍ର କୁମାର ମହାନ୍ତି ଓ କଣ୍ଠଶିଳ୍ପୀ ଶ୍ରୀ ଅରବିନ୍ଦ ମୁଦୁଲିଙ୍କୁ ଶିଶୁଅନନ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ବୈଷ୍ଣବ କବି ଭ୍ରମରବର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୈଷ୍ଣବ କବି ଭ୍ରମରବର ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ ସୃଜନ ଆସର ଜଗତସିଂହପୁରସ୍ଥ ନିମାଇଁ ଭବନଠାରେ ତା ୧.୧୧.୧୫ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଦସ୍ୟ ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ କବି ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଡକ୍ଟର ଅଜୟ କୁମାର ମିଶ୍ର, ସମ୍ମାନନୀୟ ଅତିଥିଭାବେ କବି ପିତାମ୍ବର ତରାଇ ମୁଖ୍ୟବକ୍ତା ଭାବେ ଡକ୍ଟର କୃଷ୍ଣକେଶବ ଷଡ଼ଙ୍ଗୀ, ସମ୍ମାନନୀୟ ବକ୍ତା ଭାବେ ଡକ୍ଟର ଶ୍ରୀଚରଣ ଦାଶ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ଏକ ସ୍ମରଣୀୟ ପ୍ରତିଭା ଭ୍ରମରବର ରାୟ ନିରବଚ୍ଛିନ୍ନ ଲେଖନୀ ଚାଳନା କରି ଅନେକ କାବ୍ୟ, ଜଣାଣ, ଛାନ୍ଦ ଚଉପଦୀ ଓ ଚଉଦିଶା ରଚନା କରିଯାଇଛନ୍ତି ଯାହା ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିପାରିଥିଲା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅପରାହ୍ଣ ୨.୦୦ ଘଟିକାରେ ଡକ୍ଟର ଅରବିନ୍ଦ ରାୟଙ୍କ ପୌରୋହିତ୍ୟରେ "ଓଡ଼ିଆ ଗଳ୍ପର ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ପିତାମ୍ବର ସାହୁ ଏଥିରେ ପ୍ରବନ୍ଧ ଉପସ୍ଥାପନ କରିଥିବାବେଳେ ସମ୍ମାନନୀୟ ଅତିଥି ଡକ୍ଟର ଅଜୟ କୁମାର ସ୍ୱାଇଁ, ସମ୍ମାନନୀୟ ଆଲୋଚକ ରବି ସ୍ୱାଇଁ, ଇଂ ବିଷ୍ଣୁ ସାହୁ, ରବି ପଣ୍ଡା, ସିତେଶ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହାପରେ କବୟିତ୍ରୀ ସଙ୍ଗୀତା ପଣ୍ଡାଙ୍କ ସଂଯୋଜନାରେ ଉପସ୍ଥିତ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ ।

# ଡକ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାନସିଂହ ପାଠାଗାରଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ଡକ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୩.୧୧.୧୫ରିଖ ଅପରାହ୍ନ ୪.୦୦ ଘଟିକାରେ ପୁରୀଜିଲ୍ଲା ନନ୍ଦଳାସ୍ଥ ଡକ୍ଟର ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲଠାରେ ଏକ ସାରସ୍ୱତସଭା ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସଭାରେ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟଅତିଥି ଓ ଡକ୍ଟର ସତ୍ୟ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଏକାଡେମୀ କାର୍ଯ୍ୟକାରୀ ବୋର୍ଡ଼ ସଦସ୍ୟ ଡକ୍ଟର ଅରବିନ୍ଦ ରାୟ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ଡକ୍ଟର ମାନସିଂହ ଜଣେ ସ୍ମରଣୀୟ ପ୍ରତିଭା। ତାଙ୍କ ଦ୍ୱାରା ରଚିତ ରୋମାଣ୍ଟିକ ଚେତନା ଧର୍ମୀ କାବ୍ୟକବିତା ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ ବୋଲି ଉପସ୍ଥିତ ଅତିଥି ଓ ବକ୍ତା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ


ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୨.୧୨.୧୫ରିଖ ଅପରାହ୍ନ ୪.୦୦ ଘଟିକାରେ କୁସୁପୁରସ୍ଥ ନନ୍ଦକିଶୋର ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଡକ୍ଟର ଜୟରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର ବିଶିଷ୍ଟ ଅତିଥି, ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଭିକାରୀ ଚରଣ ସ୍ୱାଇଁ ଓ କୁସୁପୁର ଗ୍ରାମପଞ୍ଚାୟତ ସରପଞ୍ଚ, ଶ୍ରୀମତୀ ନିବେଦିତା ସାହୁ ସମ୍ମାନନୀୟ ଅତିଥି, ଇଂ ନିତ୍ୟାନନ୍ଦ ମିଶ୍ର ମୁଖ୍ୟବକ୍ତା ଏବଂ ଡକ୍ଟର ଗଣେଶ୍ୱର ସ୍ୱାଇଁ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଚିର ସୌନ୍ଦର୍ଯ୍ୟମୟୀ ପଲ୍ଲୀ ପ୍ରକୃତି ଓ ପଲ୍ଲୀ ଜୀବନର ନିଖୁଣ ଚିତ୍ରରେ ଚିତ୍ରିତ ନନ୍ଦ କିଶୋରଙ୍କ କାବ୍ୟ ବିଭବ ଓଡ଼ିଆ ସାହିତ୍ୟର ଶାଶ୍ୱତ ସମ୍ପଦ। ଲୋକ ସାହିତ୍ୟ ସୃଷ୍ଟି ଓ ପ୍ରସାର ଦିଗରେ ତାଙ୍କର ଅବଦାନ ଅବିସ୍ମରଣୀୟ।

## ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ଚିନ୍ତାନାୟକ, ଦାର୍ଶନିକ, କବି ଓ ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମୃତିରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ ସଭାଗୃହରେ ତା ୧.୧୧.୧୫ ରିଖ ସନ୍ଧ୍ୟା ୬.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ତଥା ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ ପ୍ରଫେସର ଇନ୍ଦ୍ରନାଥ ଚୌଧୁରୀ "ଭାରତୀୟ ସାହିତ୍ୟର ଉଦ୍ଦେଶ୍ୟ' ବିଷୟରେ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅର୍ନ୍ତଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୨୯.୧୧.୧୫ ରିଖରେ ଲବଙ୍ଗଲତା ସାମନ୍ତରାୟ ଓ ତା ୨୭.୧୨.୧୫ ରିଖରେ ସଚ୍ଚିଦାନନ୍ଦ ବେହେରା ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ଦକ୍ଷିଣ ଓଡ଼ିଶାର ଲୋକ ସଂସ୍କୃତି ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ, ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସିନେଟ୍ ହଲରେ ତା ୧.୧୦.୧୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ 'ଦକ୍ଷିଣ ଓଡ଼ିଶାର ଲୋକସଂସ୍କୃତି' ଶୀର୍ଷକ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏ ଅବସରରେ ସମ୍ମାନନୀୟ ଅତିଥିଭାବେ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେବା ସହିତ ମୁଖ୍ୟବକ୍ତା ଭାବରେ ପ୍ରଫେସର ଅଶ୍ୱିନୀ କୁମାର ପଣ୍ଡା ଯୋଗଦାନ କରିଥିଲେ। ପ୍ରଫେସର ପ୍ରଶାନ୍ତ କୁମାର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅପରାହ୍ନ ୧୨.୧୫ ଘଟିକା ସମୟରେ ଆଲୋଚନାଚକ୍ରର ପ୍ରଥମ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା। ଡକ୍ଟର କମ୍ପୁ ପାଣି ସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଡକ୍ଟର ଲମ୍ବୋଧର ପାଣିଗ୍ରାହୀ, ଡକ୍ଟର ଶରତ କୁମାର ଜେନା, ଡକ୍ଟର ଆଲୋକ ବରାଳ, ଡକ୍ଟର ସମୀର ଭୋଇ ଓ ଶ୍ରୀ ସୁରେଶ କୁମାର ମାଝୀ ସମ୍ମାନନୀୟ ପ୍ରାବନ୍ଧିକ ତଥା ଆଲୋଚକ ଭାବେ ଯୋଗଦାନ କରିଥିଲେ। ଅପରାହ୍ନ ୨.୩୦ ଘଟିକାରେ ଆଲୋଚନାଚକ୍ରରେ ଦ୍ୱିତୀୟ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଦୁର୍ଗାମାଧବ ନନ୍ଦ ପୌରୋହିତ୍ୟ କରିଥିଲେ। ଡକ୍ଟର ସଦାନନ୍ଦ ନାୟକ, ଡକ୍ଟର ବାଳକୃଷ୍ଣ ବେହେରା, ଡକ୍ଟର ଦେବୀ ପ୍ରସାଦ ଶତପଥୀ ଓ ଅଧ୍ୟାପକ ମନୋରଞ୍ଜନ ବିଷୋୟୀ ଏଥିରେ ସମ୍ମାନନୀୟ ପ୍ରାବନ୍ଧିକ ତଥା ଆଲୋଚକଭାବେ ଆସନ ଅଳଙ୍କୃତ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନମାନଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଚାନ୍ଦବାଲିଠାରେ ସାରସ୍ୱତ ଆସର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲିସ୍ଥିତ ବିଜୁ ସ୍ମୃତି ଭବନଠାରେ ତା ୧୦.୧୦.୧୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ଜିଲ୍ଲାସ୍ତରୀୟ ସୃଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ ଘଟିକାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଏକାଡେମୀର ସଦସ୍ୟ ଶ୍ରୀ ଅଭୟ ସୂତାର ପୌରୋହିତ୍ୟ କରିଥିଲେ। ଚାନ୍ଦବାଲିର ମାନ୍ୟବର ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକର ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ନିମାଇଁ ପଟ୍ଟନାୟକ ଏଥିରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିବାବେଳେ ଶ୍ରୀ ଅମୂଲ୍ୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏକାଡେମୀ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭରେ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅପରାହ୍ନ ୧୨.୧୫ ଘଟିକାରେ 'ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଶ୍ରୀ କମଳାକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ଶ୍ରୀ ଅପୂର୍ବ ରଞ୍ଜନ ରାୟ, ପ୍ରାଧ୍ୟାପକ ଶାନ୍ତନୁ କୁମାର ମହାନ୍ତି ଓ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନନୀୟ ଆଲୋଚକ ଭାବେ ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଅଧ୍ୟାପକ ମାଗୁଣି ଚରଣ ଦାସ ଓ ମହମ୍ମଦ ସିକନ୍ଦର ଆଲାମ ଯୋଗଦାନ କରିଥିଲେ। ଅପରାହ୍ନ ୩.୦୦ ଘଟିକାରେ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ରଜନୀକାନ୍ତ ମହାନ୍ତି ଓ ଶ୍ରୀ ହୃଦାନନ୍ଦ ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ଚିନ୍ତାମଣି ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଚାଶରୁ ଊର୍ଦ୍ଧ୍ୱ ନିମନ୍ତ୍ରିତ କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀମତୀ ଲୀନା ମହାନ୍ତି ଓ ଶ୍ରୀ ଚିତ୍ତରଞ୍ଜନ କବି ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଭଦ୍ରକସ୍ଥିତ ସଂସ୍କୃତି ଭବନଠାରେ ତା ୯.୧୨.୧୫ରିଖ ସନ୍ଧ୍ୟା ୫.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଦସ୍ୟ ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ଅକ୍ଷୟ କୁମାର ମହାନ୍ତି ଉଦ୍‌ଘାଟକ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ନିହାର ରଞ୍ଜନ ଦାସ ମୁଖ୍ୟଅତିଥି, ନାଟ୍ୟକାର ସୁଧାକର ନନ୍ଦ ବିଶିଷ୍ଟ ଅତିଥି, ଡକ୍ଟର କ୍ଷୀରୋଦ କୁମାର ସାମଲ ମୁଖ୍ୟବକ୍ତା ଓ ଡକ୍ଟର ରାଧାରାଣୀ ମହାପାତ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ କାନ୍ତକବିଙ୍କ ସାରସ୍ୱତ ରଚନାଗୁଡ଼ିକରେ ଓଡ଼ିଆ ସାହିତ୍ୟ ହୋଇଛି ଋଦ୍ଧିମନ୍ତ, ସେ ଥିଲେ ଭାଷା ଓ ସୁରଶିଳ୍ପୀ। ସଙ୍ଗୀତ ଓ ନାଟକ ପ୍ରତି ତାଙ୍କର ଗଭୀର ରଚିବୋଧ ଥିଲା। ଯଦ୍ୱାରା ସେ ଅନେକ ନାଟକ ଓ ସଙ୍ଗୀତ ରଚନା କରି ପାରିଥିଲେ। ତାଙ୍କ ଲିଖିତ 'ବନ୍ଦେ ଉତ୍କଳ ଜନନୀ' ଏକ ଜନପ୍ରିୟ ଉଦ୍‌ବୋଧନୀ ସଙ୍ଗୀତ। ସଭା ଶେଷରେ ଭଦ୍ରକ ଜିଲ୍ଲା ଲେଖକ ସାମ୍ମୁଖ୍ୟ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଢେଙ୍କାନାଳଠାରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ତା ୮.୧୧.୧୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦.୩୦ ଘଟିକାରେ ଅନୁଷ୍ଠିତ ଉଦ୍‌ଯାପନୀ ଅଧିବେଶନରେ ଅଧ୍ୟାପକ ଧନେଶ୍ୱର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ଡକ୍ଟର ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ସମ୍ମାନନୀୟ ଅତିଥି ଭାବେ ଶ୍ରୀମତୀ ପ୍ରଭାସିନୀ ମହାକୁଡ଼ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଶଙ୍କର୍ଷଣ ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୧.୩୦ ଘଟିକାରେ ଡକ୍ଟର ଡମ୍ବରୁଧର ବେହେରାଙ୍କ ଅଧ୍ୟକ୍ଷତାରେ "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟରେ ଜନଜୀବନର ଚିତ୍ର' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ବସନ୍ତ କୁମାର ପଣ୍ଡା ଓ ଡକ୍ଟର ଭବାନୀ ଶଙ୍କର ମିଶ୍ର ଆଲୋଚକ ଭାବେ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନ ୨.୩୦ ଘଟିକାରେ ଆଲୋଚନା କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ଅଧିବେଶନରେ ପ୍ରଫେସର ବେଣୁଧର ଚମ୍ପତି ଅଧ୍ୟକ୍ଷତା କରିଥିବାବେଳେ ଡକ୍ଟର କୁମୁଦ ଚନ୍ଦ୍ର ଦାଶ ଓ ଡକ୍ଟର ଦୁର୍ଗାମାଧବ ପୃଷ୍ଟି ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ।

# ଫତୁରାନନ୍ଦ ଜନ୍ମ ଶତବାର୍ଷିକୀ ସମାରୋହ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ହାସ୍ୟଶିଳ୍ପୀ ଫତୁରାନନ୍ଦଙ୍କ ଜନ୍ମ ଶତବାର୍ଷିକୀ ବାଲେଶ୍ୱରସ୍ଥ ସଂସ୍କୃତି ଭବନଠାରେ ତା ୧୦.୧୧.୧୫ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରେ ଅନୁଷ୍ଠିତ ହୋଇଯାଇଛି ।

ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାପାଳ ସନାତନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ସେ କହିଲେ ଯେ ଫତୁରାନନ୍ଦ ପାଠ ପଢୁଥିବା ସମୟରେ ଫକୀରମୋହନଙ୍କ ଛଅମାଣ ଆଠଗୁଣ୍ଠ ଉପନ୍ୟାସ ସଂସ୍ପର୍ଶରେ ଆସି ଚମ୍ପା ଚରିତ୍ରକୁ ନେଇ ବ୍ୟଙ୍ଗ ଲେଖିଥିଲେ । ସାମାଜିକ ରାଜନୈତିକ ଓ ସାହିତ୍ୟ ବିଷୟବସ୍ତୁକୁ ନେଇ ଅନେକ ବ୍ୟଙ୍ଗାତ୍ମକ ସାହିତ୍ୟ ସେ ରଚନା କରିଛନ୍ତି । ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ଶିରୀଶଚନ୍ଦ୍ର ଜେନା ଯୋଗଦେଇ ଫତୁରାନନ୍ଦ ଏକାଧାରରେ ଜଣେ ବ୍ୟଙ୍ଗ ସାହିତ୍ୟିକ, କବି, ପ୍ରାବନ୍ଧିକ ଓ ଚିତ୍ରଶିଳ୍ପୀଥିଲେ ବୋଲି କହିଥିଲେ । ମୁମ୍ବାଇରୁ ପ୍ରକାଶ ପାଉଥିବା କୁଙ୍କୁମ ପତ୍ରିକାରେ ବ୍ୟଙ୍ଗମାମୁଁ ନାମରେ ବ୍ୟଙ୍ଗ ଚିତ୍ର ପ୍ରକାଶ କରୁଥିଲେ । ତାଙ୍କର ଅସଲ ନାମ ବହୁତ କମ୍ ଲୋକ ଜାଣିଥିଲେ । ଫତୁରାନନ୍ଦ ଭାବେ ସେ ବେଶ ଜଣାଶୁଣା ଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ଡକ୍ଟର ଭାଗବତ ପ୍ରସାଦ ଦାସ ଉପସଂହାର କରିଥିଲେ । ଏ ଅବସରରେ ଏକାଡେମୀର ସାହିତ୍ୟପତ୍ର 'କୋଣାର୍କ'ର ଫତୁରାନନ୍ଦ ବିଶେଷ ସଂଖ୍ୟା ଲୋକାର୍ପିତ ହୋଇଥିଲା ।

ଏହି ସମାରୋହର ଦ୍ୱିତୀୟ ଅଧିବେଶନ ମଧ୍ୟାହ୍ନ ୧୨.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଫତୁରାନନ୍ଦ ଓ ବ୍ୟଙ୍ଗ ସାହିତ୍ୟ ଶୀର୍ଷକ ଆଲୋଚନା କରାଯାଇଥିଲା । ରବି ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ନିବାରଣ ଜେନା, ରମାକାନ୍ତ ସିଂ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପଞ୍ଚସଖା ସାଧକ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଶ୍ରୀ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ପଞ୍ଚସଖା ସାଧକ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୭.୧୨.୧୫ରିଖ ସନ୍ଧ୍ୟା ୭.୦୦ ଘଟିକାରେ ମହାପୁରୁଷଙ୍କ ଜନ୍ମ ଓ ସମାଧିପୀଠ ଜଗତସିଂହପୁର ଜିଲ୍ଲାସ୍ଥ ଅଡ଼ଙ୍ଗ ନାଇଲୋ ଗ୍ରାମରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ତିର୍ତ୍ତୋଲର



ମାନ୍ୟବର ବିଧାୟିକା ଡାକ୍ତର ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ସୁସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ବିଶିଷ୍ଟ ଅତିଥି ଓ ସ୍ୱନାମଧନ୍ୟ ପଞ୍ଚସଖା ସାହିତ୍ୟ ପ୍ରବଚକ ପରିବ୍ରାଜକ ପ୍ରମୋଦ କୁମାର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଧ୍ୟାତ୍ମିକ ରଚନାବଳୀ ଦ୍ୱାରା ଋଦ୍ଧିମନ୍ତ କରି ଓଡ଼ିଆ ସାହିତ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଯଶୋବନ୍ତଙ୍କ ଅବଦାନ ଚିରସ୍ମରଣୀୟ । 'ଗୀତ(ଟିକା) ଗୋବିନ୍ଦ ଚନ୍ଦ୍ର' ଯଶୋବନ୍ତଙ୍କ ସର୍ବଶ୍ରେଷ୍ଠ ଜନପ୍ରିୟ କାବ୍ୟକୃତି ଭାବରେ ତାଙ୍କର କାବ୍ୟିକ ପ୍ରତିଭା ଓ ପରାକାଷ୍ଠା ପ୍ରତିପାଦନ କରେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।


# ବୌଦ୍ଧଠାରେ ସାରସ୍ୱତ ସମାରୋହ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୌଦ୍ଧସ୍ଥ ଟାଉନହଲଠାରେ ତା ୬.୧୦.୧୫ ରିଖ ପୂର୍ବାହ୍ଣ ୧୦.୩୦ ଘଟିକା ସମୟରେ ଏକ ଦିବସୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ କହିଲେ ଓଡ଼ିଆ ସାହିତ୍ୟ ବହୁତ ଉନ୍ନତ ଓ କାଳଜୟୀ । ଏହାକୁ ନେଇ ଆମେ ଗର୍ବିତ ହେବା ଉଚିତ ।

ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଏନ.ଏ.ସି. ଅଧ୍ୟକ୍ଷା ଦୀପ୍ତିପ୍ରଭା ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ଅଭୟ କୁମାର ମଲ୍ଲିକ, ଗାଳ୍ପିକ ବିଜୟ କୁମାର ନାୟକ ଓ କବି ସୂର୍ଯ୍ୟ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏକାଡେମୀର ସଦସ୍ୟ ନୀଳଲୋହିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମଧ୍ୟାହ୍ନ ୧୨.୦୦ ଘଟିକାରେ 'କଥାଶିଳ୍ପୀର ସାମାଜିକ ଅନୁଭବ' ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଅଧ୍ୟାପକ ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଶ୍ରୀ ବାସୁଦେବ ପାତ୍ର ଯୋଗଦାନ କରି ଓଡ଼ିଆ ଗଳ୍ପ ଓ ଏହାର ମହାନତା ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ସମ୍ମାନନୀୟ ଆଲୋଚକଭାବେ ବୌଦ୍ଧଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, ଶ୍ରୀ ଧ୍ରୁବଚରଣ ଘିବେଲା, ଶ୍ରୀ ଆଦିତେଶ୍ୱର ମିଶ୍ର, ଶ୍ରୀ ହାଡ଼ିବନ୍ଧୁ ମହାକୁଡ଼ ଓ ଶ୍ରୀ ସୁମିତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କଥା ଶିଳ୍ପୀର ସାମାଜିକ ଅନୁଭବ ସମ୍ପର୍କରେ ଆଲୋଚନା କରିଥିଲେ ।

ଅପରାହ୍ଣ ୨.୩୦ ଘଟିକାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ବନମାଳୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ସମ୍ମାନନୀୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଯୁବ କବି ଶ୍ରୀ ନରେନ୍ଦ୍ର କୁମାର ଭୋଇ, କିଶୋର ମିଶ୍ର ଓ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ ଏଥିରେ ବୌଦ୍ଧ, ବଲାଙ୍ଗିର, ସୋନପୁର, ବିରମହାରାଜପୁର, ଆଠମଲ୍ଲିକ, ଫୁଲବାଣୀ, ଦଶପଲ୍ଲା ପ୍ରଭୃତି ଅଞ୍ଚଳରୁ ଆସିଥିବା କବିମାନେ ସ୍ୱରଚିତ କବିତାମାନ ପାଠକରିଥିଲେ । ଏହି ଆସରରେ ସନ୍ତୋଷ କୁମାର କର୍ଣ୍ଣ ଓ ସୁଶ୍ରୀ ସନ୍ଧ୍ୟାରାଣୀ ମିଶ୍ର କବିତାଗୁଡ଼ିକ ସଂଯୋଜନା କରିଥିଲେ ।

# ଝାରସୁଗୁଡ଼ାଠାରେ ସୃଜନ ସମାରୋହ




ଓଡ଼ିଶା ସାହିତ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଝାରସୁଗୁଡ଼ାସ୍ଥିତ ମେଘଦୂତ ହୋଟେଲ ସଭାକକ୍ଷରେ ତା ୨୯.୧୧.୧୫ରିଖ ପୂର୍ବାହ୍ଣ ୧୦.୩୦ ଘଟିକାରେ ସୃଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡକ୍ଟର ପଞ୍ଚାନନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ଏକାଡେମୀର ସଦସ୍ୟ ଜୟନାରାୟଣ ତ୍ରିପାଠୀ, ଡକ୍ଟର ପ୍ରଦୀପ କୁମାର ପଣ୍ଡା ଯୋଗଦେଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଗାୟତ୍ରୀ ସରାଫ ପୌରୋହିତ୍ୟ କରିଥିଲେ।

ଏହି ଅବସରରେ ମୁଖ୍ୟଅତିଥି ଡକ୍ଟର ମିଶ୍ର କହିଲେ ନୂତନ ଓ ଭିନ୍ନ ଧରଣର ସାହିତ୍ୟ ସୃଷ୍ଟି କରିବାକୁ ହେଲେ ପ୍ରେରଣା ଓ ପ୍ରୋତ୍ସାହର ଆବଶ୍ୟକତା ରହିଛି। ଏପରିକି ଆଧୁନିକ ସାହିତ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା ପ୍ରଗତିବାଦୀ ସାହିତ୍ୟ ଓ ଅନ୍ୟଟି ପ୍ରୟୋଗବାଦୀ ସାହିତ୍ୟ । ଏହି ଦୁଇ ସାହିତ୍ୟ ସୃଷ୍ଟି ମଧ୍ୟରେ ଉଦାହରଣ ଦେବା ସହ ଏହାର ତୁଳନା କରିଥିଲେ। ଏପରିକି ସାହିତ୍ୟକୁ ବ୍ୟାପକ କରିବାକୁ ହେଲେ ସାମାଜିକ ସମ୍ପୃକ୍ତି ଆବଶ୍ୟକ ବୋଲି କହିଥିଲେ। ସେହିପରି ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ କହିଲେ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ସାହିତ୍ୟ ବିଷୟରେ ଆଲୋଚନା ହେବା ଏକ ଖୁସିର ବିଷୟ। ଦୁଇଦଶନ୍ଧି ପୂର୍ବେ ଝାରସୁଗୁଡ଼ା ସହର ଓ ଗ୍ରାମାଞ୍ଚଳରେ ପୃଷ୍ଠଭୂମିକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି କରାଯାଇଥିଲା, ତାହା ଏବେ ବଦଳିଯାଇଛି। ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲାର ଯୁବ ଲେଖକ ସୃଷ୍ଟି ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ମନ୍ମୟ କୁମାର ଦରୱାନ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ଣ ୧୧.୪୫ ଘଟିକାରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ‘ଓଡ଼ିଆ ସାହିତ୍ୟରେ ପ୍ରଗତିଶୀଳ ଚେତନା’ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି ବିଷୟରେ ସାହିତ୍ୟିକ ସରୋଜ କୁମାର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ସମ୍ମାନନୀୟ ଆଲୋଚକ ଡକ୍ଟର ସୁଦର୍ଶନ ପୂଜାରୀ, କବି ଦୁର୍ଗା ପଣ୍ଡା ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡକ୍ଟର ଦ୍ୱାରିକାନାଥ ନାୟକ ଏହି ଆଲୋଚନାରେ ଯୋଗଦାନ କରିଥିଲେ। ଯୁବ ସାହିତ୍ୟିକ ଦୁର୍ଗା ପଣ୍ଡା କହିଲେ ଯେ, ଭାରତ ବର୍ଷରେ ବଢୁଥିବା ଅସହିଷ୍ଣୁତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ପୂର୍ବରୁ ଅସହିଷ୍ଣୁତା ରହିଥିଲା ଓ ଏହା ବିରୋଧରେ ସ୍ୱର ଉଠିଥିଲା। କିନ୍ତୁ ଏବେ ଅସହିଷ୍ଣୁତାକୁ ନେଇ ସର୍ବତ୍ର ଚର୍ଚ୍ଚା ହେଉଛି ଓ ଏ ଦିଗରେ ଅନେକ ନୀରବତା ଅବଲମ୍ବନ କରାଯାଉଛି। ଏପରିକି ଶାସକ ଦଳ ମଧ୍ୟ ନୀରବତା ଅବଲମ୍ବନ କରିବା ନେଇ ଯୁବ ସାହିତ୍ୟିକ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଥିଲେ। ଏବେ ସାହିତ୍ୟିକଙ୍କ ପ୍ରତି ବିପଦ ରହିଥିବା ନେଇ ସେ କହିଥିଲେ। ଏହି ଆଲୋଚନାଚକ୍ରରେ ବର୍ଷୀୟାନ ସାହିତ୍ୟିକ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ପୌରୋହିତ୍ୟ କରିଥିଲେ।

ଅପରାହ୍ଣ ୨.୩୦ ଘଟିକାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନନୀୟ ଅତିଥି ଭାବେ କବୟିତ୍ରୀ ଶର୍ମିଷ୍ଠା ସାହୁ ଯୋଗଦାନ କରିଥିବାବେଳେ କାର୍ଯ୍ୟକ୍ରମକୁ ଡକ୍ଟର ଗୌରୀ ଦାସ ପ୍ରଧାନ ସଂଯୋଜନା କରିଥିଲେ ଓ ପ୍ରଫେସର ଦୁଖିରାମ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୫୦ ରୁ ଉର୍ଦ୍ଧ୍ୱ କବି ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ।

# ବଲାଙ୍ଗୀରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସାରସ୍ୱତ ସମାରୋହ



ବଲାଙ୍ଗୀରସ୍ଥ ସାମ୍ବାଦିକ ଭବନଠାରେ ତା ୧୫.୧୧.୧୫ରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସାରସ୍ୱତ ଆଲୋଚନାଚକ୍ର ଓ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ତଥା ବରିଷ୍ଠ ଗାଳ୍ପିକା ଗାୟତ୍ରୀ ସରାଫଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଏକାଡେମୀର ସଦସ୍ୟ ଡ. ସନ୍ତୋଷ କୁମାର ରଥ ପ୍ରମୁଖ ଯୋଗ ଦେଇଥିଲେ। ଯୁବ ଗାଳ୍ପିକ କ୍ଷେତ୍ରବାସୀ ନାଏକ ସଭା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ କବି ବିଜୟ କୁମାର ତ୍ରିପାଠୀ। ସଭାରେ ଭବାନୀ ଶଙ୍କର ପଟେଲଙ୍କ ହିନ୍ଦୀ ବହି ‘ଜଗନ୍ନାଥ କେ ନବକଳେବର’ ଓ ଶିବପ୍ରସାଦ ସା ଙ୍କ କବିତା ସଂକଳନ ‘କୃଷ୍ଣା ପାଇଁ କବିତା’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଚଳନ୍ତି ସମୟରେ ସାଧାରଣ ମଣିଷର ନିକଟରୁ ନିକଟତର ହେବାକୁ ଚାହୁଁଛି ଗଳ୍ପ ସାହିତ୍ୟ। ମାଟିର କଥା ଓ ବ୍ୟଥା କହିବା ହିଁ ଉତ୍ତର ଆଧୁନିକ ସାହିତ୍ୟ ଧାରାର ସ୍ୱତନ୍ତ୍ୟ। ଭାଷା ବା ଶୈଳୀ ନୁହେଁ ଥିମ୍ ବା ବିଷୟ ଗୋଟିଏ ସଫଳ କବିତା ଓ ଗଳ୍ପ ପାଇଁ ଅଧିକ ଉପଯୋଗୀ ଓ କାଳଜୟୀ ହେବାର ସମ୍ଭାବନା ରଖେ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ ଦ୍ୱିତୀୟ ଅଧିବେଶନରେ। ଆଲୋଚନାର ବିଷୟ ଥିଲା– ‘ଆଧୁନିକ ଓଡ଼ିଆ ଗଳ୍ପରେ ଉତ୍ତର-ଆଧୁନିକତା’ । ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଆଲୋଚକ ଥିଲେ ଦେବେନ୍ଦ୍ର କୁମାର ଦାଶ, ଡକ୍ଟର ସୁଷମା ମଞ୍ଜରୀ ନାୟକ, ମଳୟ ମିଶ୍ର ଓ ସଂଜୟ କୁମାର ମିଶ୍ର। ଅନ୍ତିମ ପର୍ଯ୍ୟାୟରେ ଅନୁଷ୍ଠିତ ବହୁଭାଷୀ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂଯୋଜନା କରିଥିଲେ ମଧୁସୂଦନ ନାୟକ, ରାଜୀବ ଲୋଚନ ଆଚାର୍ଯ୍ୟ, ଆନନ୍ଦ ଚନ୍ଦ୍ର ସାହୁ ଓ ସନ୍ଦୀପ କୁମାର କୁଅଁର। ସନାତନ ଠାକୁର ସଭାପତିତ୍ୱ କରିଥିବାବେଳେ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇଥିଲେ ଡକ୍ଟର ପ୍ରହ୍ଲାଦ ଶତପଥୀ, ଗଜାନନ ମିଶ୍ର ଓ ନିମାଇଁ ଚରଣ ପାଣିଗ୍ରାହୀ। ଦୀର୍ଘ ଆଠ ବର୍ଷ ପରେ ବଲାଙ୍ଗୀରରେ ସାହିତ୍ୟ ଏକାଡେମୀର କାର୍ଯ୍ୟକ୍ରମ ହୋଇଥିବାରୁ ଜିଲ୍ଲାର ସାହିତ୍ୟିକ ମହଲରେ ଖୁସିର ମାହୋଲ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲେଖକ / ଲେଖିକାମାନଙ୍କ ସହିତ ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ। ସବିତା ଭୋଇ, ରଞ୍ଜିତ ମିଶ୍ର, ଶରତ ମିଶ୍ର, ଗୋପୀନାଥ ଦଣ୍ଡସେନା, ଜିତୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସ୍ରଷ୍ଟା ମାନସ : ଆଲୋଚନାଚକ୍ର




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରାଜଧାନୀ ମହାବିଦ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ 'କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ସ୍ରଷ୍ଟାମାନସ' ଶୀର୍ଷକ ଆଲୋଚନାଚକ୍ର ପ୍ରୋକ୍ତ ଅନୁଷ୍ଠାନର ପ୍ରେକ୍ଷାଳୟରେ ୧୩ ଡିସେମ୍ବର ୨୦୧୫ ଦିନ ଅନୁଷ୍ଠିତ ହୋଇଥିଲା। ପ୍ରଥିତଯଶା କବି, ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମବିଭୂଷଣ ଡକ୍ଟର ସୀତାକାନ୍ତ ମହାପାତ୍ର ଏଥିରେ ଉଦ୍‌ଘାଟକ ତଥା ମୁଖ୍ୟଅତିଥି, ବିଶିଷ୍ଟ ଅତିଥି ଭାବରେ ସମାଲୋଚକ, ଇସ୍ତାହାର ପତ୍ରିକାର ସମ୍ପାଦକ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ଶତପଥୀ ଯୋଗଦାନ କରିଥିଲେ। ଡକ୍ଟର ସୀତାକାନ୍ତ ମହାପାତ୍ର ତାଙ୍କ ଅଭିଭାଷଣରେ କବି ସଚ୍ଚି ରାଉତରାୟଙ୍କୁ 'ସ୍ରଷ୍ଟା' ଭାବରେ ସୀମିତ ନରଖି ଯୁଗସ୍ରଷ୍ଟା ବୋଲି କହିଥିଲେ। ବିରାଟ କାଳଖଣ୍ଡ ଭିତରେ ସିଏ ତାଙ୍କୁ ଉତ୍ତରିତ ଚେତନାର ବଳିଷ୍ଠ ସ୍ୱାକ୍ଷର ଭାବେ ଚିତ୍ରଣ କରି ଯଥାର୍ଥରେ କଳ୍ପନା ଓ ବାସ୍ତବତାର ସୂକ୍ଷ୍ମ ସମ୍ମିଶ୍ରଣ ବୋଲି କହିଥିଲେ।

ଡକ୍ଟର ନିତ୍ୟାନନ୍ଦ ଶତପଥୀ ଆଲୋଚ୍ୟ କବିଙ୍କ ସୃଷ୍ଟିରେ ମଣିଷକୁ ଭଲ ପାଇବାର ସକଳ ଦିଗଂତ ପ୍ରସ୍ଫୁଟିତ ବୋଲି ମତପ୍ରଦାନ କରିଥିଲେ। ସେ ଉଭୟ ଭାବବାଦୀ ଓ ମାର୍କସବାଦୀ, ସାମନ୍ତବାଦୀ ଆଟୋପରୁ କବିତାକୁ ଦୂରେଇ ରଖିବାରେ ଯଥାର୍ଥରେ ପୁରୋଗାମୀଥିଲେ। ବହୁ ଆଲୋଚକ କବିଙ୍କୁ ନେଇ ଅନୁରୂପ ଭାବେ ନିଜ ନିଜର ମତ ବୟାନ କରିଥିଲେ। ପୂର୍ବାହ୍ନ ଅଧିବେଶନରେ ଡକ୍ଟର ଦେବାଶୀଷ ପାତ୍ର ପୌରୋହିତ୍ୟ କରିଥିଲେ। ଅପରାହ୍ନ ଅଧିବେଶନରେ ବିଶିଷ୍ଟ ସମାଲୋଚକ, ପ୍ରାଧ୍ୟାପକ ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା ଆଲୋଚକ ତଥା ବିଶିଷ୍ଟ କବି ଡକ୍ଟର ହୃଷୀକେଶ ମଲ୍ଲିକ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରି କବିଙ୍କ ସୃଷ୍ଟି ସମ୍ଭାର ଉପରେ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଡକ୍ଟର ନାରାୟଣ ସେଠୀ ପୌରୋହିତ୍ୟ କରିବା ସାଙ୍ଗକୁ ଡକ୍ଟର ମନ୍ମଥନାଥ ଘଡ଼ାଇ ଧନ୍ୟବାଦ ଦେଇଥିଲେ। ଏକାଡେମୀ ପକ୍ଷରୁ ଶ୍ରୀ ରବି ରାୟ, ପ୍ରଦୀପ ମିଶ୍ର, ସଞ୍ଜୟ କୁମାର ଛୁଆଳସିଂହ ଓ ଚିନ୍ମୟ ମିଶ୍ର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଅଧିବେଶନରେ କବି ସମାଲୋଚକ ଡକ୍ଟର ଶତ୍ରୁଘ୍ନ ପାଣ୍ଡବ, ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ସମ୍ମାନନୀୟ ଆଲୋଚକ ଭାବେ ନିଜ ନିଜର ବକ୍ତବ୍ୟ ପେଶ କରିଥିଲେ। ଇଂରାଜୀ ଭାଷା ସାହିତ୍ୟର ପ୍ରବୀଣ ପ୍ରାଧ୍ୟାପକ କବି ଡକ୍ଟର ଭଗବାନ ଜୟସିଂହ ଓ କବି ଡକ୍ଟର ଶୁଭେନ୍ଦୁ ମୁଣ୍ଡ ସମ୍ମାନନୀୟ ଅତିଥି ଭାବରେ ସ୍ୱକୀୟ ମତାମତ ବ୍ୟକ୍ତ କରିଥିଲେ।

# ଜଗନ୍ମୋହନ ଲାଲଙ୍କ ସ୍ମୃତି ଉତ୍ସବ ଓ ଆଦିନାଟ୍ୟକାର ସମ୍ମାନ

ଆଦିନାଟ୍ୟକାର ଜଗନ୍ମୋହନ ଲାଲ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ଯଥାର୍ଥ ଭୂମିକା ଗ୍ରହଣ କରିଥିଲେ। ନବଜାଗରଣର ଆଦିପର୍ବରେ ଜଗନ୍ମୋହନଙ୍କ ନେତୃତ୍ୱ ଥିଲା ଅବିସ୍ମରଣୀୟ। ପ୍ରଥମ ନାଟକ ରଚନା କରିବା ସହିତ ପ୍ରଥମ ଅନୁବାଦ ରଚନା କରିବା କ୍ଷେତ୍ରରେ ସେ ଥିଲେ ଆଦ୍ୟସୂରୀ। ଜଗନ୍ମୋହନଙ୍କ ଦୂରଦୃଷ୍ଟି ଓଡ଼ିଆ ସାହିତ୍ୟକୁ ବହୁଗୁଣରେ ବିଭାମଣ୍ଡିତ କରିଛି ବୋଲି ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କ ୧୦୨ତମ ସ୍ମୃତି ଉତ୍ସବରେ ବିଭିନ୍ନ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ତା ୨୬.୧୨.୧୫ରିଖ ସନ୍ଧ୍ୟାରେ ଆଦିନାଟ୍ୟକାର ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭବନଠାରେ ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କ ୧୦୨ତମ ସ୍ମୃତି ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଧୀର ମଲ୍ଲିକ, ସଚିବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଙ୍କୁ ଆଦିନାଟ୍ୟକାର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ସେକ୍ ମତଲୁବ୍ ଅଲ୍ଲି ଯୋଗଦେଇ ଜଗନ୍ମୋହନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଓ ସମ୍ମାନନୀୟ ଅତିଥି ଭାବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇଥିଲେ। ଅନୁଷ୍ଠାନର ସହଯୋଗୀ ସମ୍ପାଦକ ଶିଶିର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ସୁକାନ୍ତ କୁମାର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରକାଶନ ଅଧିକାରୀ ପ୍ରଦୀପ କୁମାର ପୂଜାପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସାରଦା ପ୍ରସାଦ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ।





# ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୧୦.୧୫ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର, ତା ୩୦.୧୧.୧୫ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣ୍ଡିତ ବିଶ୍ୱନାଥ ଶତପଥୀ ଏବଂ ତା ୩୧.୧୨.୧୫ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀମତୀ ନିର୍ମଳା ଫତେସିଂହ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ପୁରୀଠାରେ ଜାତୀୟ ଶିଶୁ ସାହିତ୍ୟିକ ସମ୍ମେଳନ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରୀସ୍ଥିତ ପୌର ସଦନଠାରେ ତା ୫.୧୨.୧୫ ଓ ୬.୧୨.୧୫ରିଖ ଦୁଇଦିନ ବ୍ୟାପୀ ଜାତୀୟ ଶିଶୁ ସାହିତ୍ୟିକ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ମହେଶ୍ୱର ମହାନ୍ତି ଏ ଅବସରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ସମାଜରେ ଶିଶୁ ସାହିତ୍ୟିକଙ୍କ ସ୍ଥାନ ସ୍ୱତନ୍ତ୍ର। ଶିଶୁ ସାହିତ୍ୟ ଲେଖିବା କଠିନ ବ୍ୟାପାର। ପିଲାଙ୍କ ଭିତରେ ଯେଉଁ ଭଗବତ ସତ୍ତା ରହିଛି ସାହିତ୍ୟିକମାନେ ଲେଖନୀମାଧ୍ୟମରେ ତାହାକୁ ଉନ୍ମୋଚନ କରିବା ଉଚିତ। ପିଲାଦିନରୁ ସାହିତ୍ୟ ପ୍ରତି ଆଗ୍ରହ ରହିଲେ ବଡ଼ହେଲେ ସେମାନେ ସାହିତ୍ୟପ୍ରେମୀ ହେବେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଲେ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ସାହିତ୍ୟ ରଚନା କରାଯାଉ ଯାହା କାଳଜୟୀ ହୋଇ ପାରିବ। ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତି ଏବଂ ପରମ୍ପରାକୁ ନେଇ ସାହିତ୍ୟ ସୃଷ୍ଟି ହେବା ଦରକାର । ପିଲାମାନେ ମହାଭାରତ ଓ ରାମାୟଣ ସମ୍ପର୍କରେ ଜାଣିଲେ ମାନବିକ ଚେତନା ଜାଗ୍ରତ ହୋଇପାରିବ। ଲେଖାଦ୍ୱାରା ପିଲାଙ୍କୁ ଆକର୍ଷିତ ନକଲେ ଶିଶୁ ସାହିତ୍ୟ ଆଗକୁ ବଢ଼ିପାରିବ ନାହିଁ। ସେଥିପାଇଁ ପାଠକୀୟ ଯୋଗ୍ୟ ଲେଖା ପ୍ରକାଶ ପାଇବା ଉଚିତ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ସାତକଡ଼ି ହୋତା ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଭାଷା ଓ ସାହିତ୍ୟ ଜାତୀୟତାର ପ୍ରଭାବ ସୃଷ୍ଟି କରିବ। ସରକାରୀ ସ୍ତରରେ ଓଡ଼ିଆ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରାଯାଉ। ପୁସ୍ତକ ସମାଜର ମହକ। ଶିଶୁ ସାହିତ୍ୟ ବିନା ଭାଷା ତିଷ୍ଠି ପାରିବ ନାହିଁ। ତେଣୁ ଶିଶୁ ସାହିତ୍ୟରେ ପରିବର୍ତ୍ତନ ଦରକାର। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଓ ଏକାଡେମୀର ଉପସଭାପତି ଗାୟତ୍ରୀ ସରାଫ ଉତ୍ସବରେ ଉଦ୍‌ବୋଧନ ଦେଇ ଶିଶୁ ସାହିତ୍ୟର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମୀର ସଚିବ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅର୍ଥସମିତିର ସଭ୍ୟ ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡକ୍ଟର ମନୀନ୍ଦ୍ର ମହାନ୍ତି ଓ ବୀରେନ୍ଦ୍ର ମହାନ୍ତିଙ୍କ ରଚିତ ଏକାଡେମୀ ଦ୍ୱାରା ପ୍ରକାଶିତ ଓଡ଼ିଆ ଶିଶୁ ଗଳ୍ପ ସଂକଳନ ପୁସ୍ତକଟି ଲୋକାର୍ପିତ ହୋଇଥିଲା। ଉକ୍ତ ଦିନ ମଧ୍ୟାହ୍ନ ସମୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ବିଶ୍ୱ ଶିଶୁ ସାହିତ୍ୟ ପରିପ୍ରେକ୍ଷୀରେ ଭାରତୀୟ ଶିଶୁ ସାହିତ୍ୟ ବିଷୟକ ଆଲୋଚନାଚକ୍ରରେ ଡକ୍ଟର ବିଜୟାନନ୍ଦ ସିଂହ, ଶିଶୁ ସାହିତ୍ୟିକ ଡକ୍ଟର ମହେଶ୍ୱର ମହାନ୍ତି, ନଦିଆ ବିହାରୀ ମହାନ୍ତି, କୃଷ୍ଣ ସଲବ, ପୂର୍ଣ୍ୟପ୍ରଭା ଦେବୀ, ମନୀନ୍ଦ୍ର ମହାନ୍ତି, ସରଳା ପତ୍ରୀ, କୃତିବାସ ନାୟକ, ଲବଣ୍ୟ ଚନ୍ଦ୍ର ସାହୁ, ଉପେନ୍ଦ୍ର କୁମାର ଜେନା, ଚକ୍ରଧର ବିଶ୍ୱାଳ ଏବଂ ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ। ଅପରାହ୍ଣ ୩.୦୦ ଘଟିକାରେ ଡକ୍ଟର ଦିଗରାଜ ବ୍ରହ୍ମାଙ୍କ ପୌରୋହିତ୍ୟରେ ଶିଶୁ ମନସ୍ତତ୍ତ୍ୱ ଓ ଶିଶୁ ସାହିତ୍ୟ ବିଷୟକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସ ରଞ୍ଜନ ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଓ ବୀରେନ୍ଦ୍ର କୁମାର ସାମନ୍ତରାୟ, ସୂର୍ଯ୍ୟମଣି ବେହେରା, ବଟକୃଷ୍ଣ ଓଝା, ଶରତ କୁମାର ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ସୂର୍ଯ୍ୟମଣି ସାମନ୍ତରାୟ ପ୍ରମୁଖ ଶିଶୁ ସାହିତ୍ୟିକମାନେ ଅଂଶ ଗ୍ରହଣ କରିଥିଲେ।

ଏହି ସମ୍ମିଳନୀର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ତା ୬.୧୨.୧୫ରିଖ ପୂର୍ବାହ୍ଣ ୧୦.୦୦ ଘଟିକାରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଲୋକ ସାହିତ୍ୟ ଓ ଶିଶୁ ସାହିତ୍ୟ ବିଷୟକ ଆଲୋଚନା କାର୍ଯ୍ୟକ୍ରମରେ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ସମ୍ମାନନୀୟ ଅତିଥି ଭାବେ ଓ ଶଙ୍କର୍ଷଣ ସାମଲ, ବସନ୍ତ କିଶୋର ସାହୁ, ରଘୁନନ୍ଦନ ମହାପାତ୍ର, ଶରତ କୁମାର ନାୟକ, ସୁନାମଣି ରାଉତ, ମାନସ ରଞ୍ଜନ ସାମଲ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଶିଶୁ ସାହିତ୍ୟିକମାନେ ଯୋଗଦାନ କରିଥିଲେ।

# ଜାତୀୟକବି ବୀରକିଶୋର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବୀରକିଶୋର ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟ କବି ବୀରକିଶୋର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମପଞ୍ଚାୟତସ୍ଥ ଚାରିପୋଲିଆ ଛକ ଜାତୀୟକବି ବୀରକିଶୋର ଉଦ୍ୟାନଠାରେ ତା ୨୩.୧୧.୧୫ରିଖ ସନ୍ଧ୍ୟା ୬.୦୦ ଘଟିକାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦୋଳଗୋବିନ୍ଦ ପ୍ରଧାନ ମୁଖ୍ୟଅତିଥି, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରିୟନାଥ ଦେ ବିଶିଷ୍ଟ ଅତିଥି, ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା, ସାରସ୍ୱତ ସଙ୍ଗଠକ ଇଂ. ପ୍ରଭାକର ସ୍ୱାଇଁ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଶିକ୍ଷାମଣ୍ଡଳ ଅଧିକାରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କହିଲେ ବୀର କିଶୋରଙ୍କ ଦେଶପ୍ରେମ ଓ ଜାତୀୟତାବୋଧର ପଟ୍ଟାନ୍ତର ନାହିଁ। ସେ ସରଳ ଓ ଲୋକରଞ୍ଜକ ଭାଷାରେ ଜ୍ୱାଳାମୟୀ କବିତା ରଚନା କରି ମୁକ୍ତିକାମୀ ଜନମାନସରେ ଗଭୀର ଆଲୋଚନା ସୃଷ୍ଟି କରିପାରିଥିଲେ। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍ ପ୍ରା.ଲିଃ କଟକ-୨